# ଦୋସ

(କୋସଲି ନାଟ)

## ସାକେତ ସ୍ରି ଭୁସଣ ସାହୁ

# ନାଟକକାର ନୁ ପଦେ...

ଆଏଜ ସୁବିଧାବାଦି ମୁନୁସମାନେ ଚାର୍ହିଆଡେ ଏନ୍ତା ଗୁଟେ ଅପରାଧର ମାହୋଲ ଫଏଲେଇ-ଦେଲେନ ଜେ ସେନ ଜେନ୍ତା ଅପରାଧ କରବାରଟା ଗୁଟେ ଫି ଦିନିଆ ବଏସ୍ତ୍ର ହେଇଗଲାନ । ଆମେ ଜାନିସୁନି ଭୁଲଟେ କଲେ ବି ଭୁଲଟେ କରୁଛୁଁ ବାଗିର ନେଇଁ ଲାଗବାର ।

ଚାଲାକ ସୁବିଧାବାଦି ମୁନୁସ ତ ଅପରାଧ କରି ତାର ଚାଲାକିରେ ମୁକଲି ଜାଏସି ହେଲେ ଜେତେବେଲେ ଗୁଟେ ସରଲ ଲୋକ ସେ ଅପରାଧ ର ଜାଲେ ଛଂଦି ହେଇଜାଏସି ଆର ତାର ଅଜାନ୍ତକେ ଅପରାଧ କରସି; ସେଥିର ଲାଗି ଆମେ ସୁବିଧାବାଦି ମୁନୁସ ସମାଜ କି ସେ ସରଲ ନିରିହ ଦାଇ; କାହାର ଦୋସ ? ? ?

ଦୋସ ମୋର ଚତୁର୍ଥ ନାଟକ । ୨୦୦୩ ଆଡେ ଲେଖିଥିଲିଁ ଆରୁ ଇଣ୍ଡାଲ କ୍ଲବ ହିରାକୁଦରେ ୧୭ ଜାନୁଆରି ୦୪ ରେ ଏବତକ ଥରେ ନ ଅଭିମଂଚିତ ହେଇଛେ । ଦୋସ ୨୦୦୫ ରେ ଆକାଶବାଣୀ ସମ୍ବଲପୁର ରୁ ବି ପ୍ରସାରିତ ହେଇଛେ ।

ଜେନ କଲାକାରମାନେ ଦୋସ ଅଭିମଂଚନ ଆରୁ ପ୍ରସାରଣରେ ଜଡିତଥିଲେ ସେମାନକୁ ମୋର କୋଟି ଧନ୍ୟବାଦ ।

ମୋର ଅନ୍ୟ ନାଟ ମାନକରନୁ ଇ ନାଟର ସୋର ଅଲଗା । ଆସା ପାଠକ ପରମେସ୍ୱର କୁ ପସନ ଆଏବା ।

ସାକେତ ସାହୁ

(ପର୍ଦା ଖୁଲୁନ ସାଏର ଦିନର ଫଟିକ୍ ଉକ୍ୟାଥି ରେଲ ଲେଇନ ଲାଗନୁ ପାଗଡି
ମାଏଲା ଲୋକଟେ ଖୋଖୋ ହେଇ ବସିଥାଏ ବେଲକେ ସେନର
ଲାଇନମେନର ରଡି ସୁଭଲା)

ଲାଇନମେନ - (ବାହାରୁ)ଏହେ, ଏଟ ...କିଏରେ ...
କିଏରେ ହେଟା ... .... ଧରତ...ଧରତ

(ନରଦି ଆଏଲା ଲାଇନମେନ କି ତତାପନା ଉଠି ପଡିଛେ ଜୁଗନୁ ହେଲେ
ଖପକରି ଧରି ପକେଇଛେ ଲାଇନମେନ ।)

ହେଁ ହେଁ ... ...ଆଏଜ ଆରଗୋ
ଚୋର କାହାଁକା
ମୋର ଆଁଖି ଧୁଏଲ ଝିଟି ପଲଉଥିଲୁ ନେଁଇ
ଫିଁ ଦିନ ଇନୁ ସେନୁ କରି
ପୁଚକା ପୁଚକା ଖୁଲି ନଉଥିଲୁ
କିଏଗା କିଏଗା ବଲି ସାରା ଡିପାରମେଟ ଅଚାବୁହା
ଚାଲ ଆଏଜ ତୋର ବାହାର କରଉଛେଁ

(ଆର ରଟପଟାତେଲ ଘିଚି ନଉଥାଏ ଜୁଗନୁକେ)

ଜୁଗନୁ- ଛାଡ ହୋ... ଛାଡ
ଲାଇନମେନ- ଛାଡିଦେମିଁ
ଜୁଗନୁ- ଦେଖତ କେନ୍ତା ରଟପଟାତେଲ
ଖିଡଖିଡେଇ ନଉଛନ ଜେ
ଲାଇନମେନ-ଆ ଆ ତତେ ଖଂଦଗୁରା କରମିଁ

(ଇମାନକର ଗୁଟେ ତରାନୁ ଆର ଗୁଟେ ତରାକେ ଘିଚାରପଟା ହେଇ ଜିବାର
ଭିତ୍ରେ ରେଲଲେଇନର ଦୃସ୍ୟ ବଦଲିକରି କଚରି ହେଇଜେଇଛେ, ଜୁଗନୁ
ସାମନାର କନେ ଗୁଟେ ଅନଦିସା ଜାଲେ ହଠାତ ଫସି ଜେଇଛେ ଆର ଗୁଲଗୁଲା
ହେଇ ରଢୁଥାଏ, ଛଟପଟଉଥାଏ ବେଲକେ ତାର ଉଲଟିଆ ଆଡର ସେସକନୁ

ଅନଦିସା ଜାଲକେ ଝୁରି ଲାଗଲା ଜାଲ ବାଗିର ଘିଚି ଘିଚି ଏଇଛେ ପ୍ରାଇଭେଟ ଉକିଲ)

ପ୍ରାଇଭେଟ ଉକିଲ-ଲାଗିଛେ,
ଜାଲେ ଲାଗିଛେ ପଟେ

(ଜାଲେ ଝୁରି ଲାଗିଛେ କି ନେଇଁ ବଲି ଘାଏ ପରଖି ଦେଖୁଛେ ଉକିଲ ବେଲକେ ସେଆଡୁ ଜୁଗନୁ ଜାଲେ ଫସି ଛଟକୁଥାଏ ଆର ଉକିଲ ତାର ଆଡକେ ଘିଚୁଥାଏ ବେଲକେ ଜୁଗନୁ ସେତାର ଆଡ ଜାଲେ ଫସିକରି ଘିଚିଘିଚି ହେଇ ଜେଇଛେ ଉକିଲ ଘିଚି ଆନିଛେ ଠିକ ମଚାନ ମଝାତକ )

ଜୁଗନୁ-(ଗୁଲଗୁଲା ହେଇ) ମାହପୁରୁ...
ମୁଇଁ ଆର ନେଇଁ ହୁଏଁନ
ଉହଲି ଗଲିଁ ନ
ପ୍ରା ଉକିଲ-ନେଇଁ କାଂଦ ନେଇଁ କାଂଦ
ତୁମପର ସବୁଠିକ ହେଇଜିବା
କହ, କାଣା ହେଇଛେ ଜେ ତୋର
ଜୁଗନୁ-ଆଜ୍ଞା

(ଲାଇନମେନ ସୋଜ ସୋଜ ଘିଚିଆନଲା ବଲି ହେଁକେଇ ହେଁକେଇ ଠାରିଛେ, ଉକିଲ ମୁଡ ହଲେଇ ହଲେଇ ତାର କଥା ସୁନୁଥାନ,ଭୁରତଉଥାନ ଆର କାଗଜ କଲମ ବାହାର କରି କାଁ କାଣା ଲେଖିଛନ, ସେଥି ଜୁଗନୁର ଟିପଚିନ ନେଇଛନ)

ପ୍ରା ଉକିଲ-ଆଛା ବଏଲେ ଏନ୍ତା କଥା ଆଏ
ଚାଲତ ଚାଲ
ଦେଖମା କେନ୍ତା ଜେ ତାର

(ଦୁହେଁ ଜିବାରକେ ବାହାରିଛନ କି ମଚାନ ଅଂଧାର ହେଇଛେ ଆର ଉକ୍ୟା ତେଜ ହେଲା ବେଲକେ କଚରି ବଦଲି କୋଟ ବଖରା ହେଇ ଜେଇଛେ ।

ବଖରା ଭିତ୍ରେ ସରକାରି ଉକିଲ,ଗାର୍ଡ,ଅର୍ଦଲି,ସ୍ଟେନୋ,ପ୍ରାଇଭେଟ ଉକିଲ,ଜୁଗନୁ ସବେ ଜଜକେ ଟାଖିଛନ, କାଁଥିଘଡିଥି ଦସ ବାଜବାର ସବଦ ସୁଭଲା ବେଲକେ ଜଜ ଆସିକରି ନିଜର ଠାନେ ବଇସଛନ, ସ୍ଟେନୋ ଟାକର ସାମନେ ଟେବୁଲ ନ ଫାଇଲଟେ ଖୁଲି ଦେଖଇଛେ, ଜଜ ପଢିଛନ ଆରୁ )

ଜଜ-ଅଦାଲତର କାମ ମୁଲ କରାହଉ
ସରକାରି ଉକିଲ-ୟୋର ଅନର
ମୁଇଁ ଘଟଣା ବେଲର ସାଖି
ଲାଇନମେନ ହଜାରେ ପଧାନର ସାଖି ବୟାନ
ମି ଲଡ ର ସାମନାରେ ପେସ କରବାରକେ ଚାହୁଁଛେଁ
ଜଜ-ପେସ କରାଜଉ
ଅର୍ଦଲି-ହଜାରେ... ପଧାନ
ହଜାରେ...ପଧାନ

(ହଜାରେ ଏଇଛେ, ଅର୍ଦଲି କାଠଗଡାକେ ଇସାରା କରିଛେ କି ହଜାରେ କାଠଗଡା ଭିତରକେ ଜେଇଛେ, ଅର୍ଦଲି ଟେବୁଲ ଉପ୍ରୁ ଗିତା ଆନିକରି ଏଇଛେ ହଜାରେ ନିକେ)

ସେଥିର ଲାଗି
ମୁଇଁ ଇ ଅଦାଲତକେ ଦରଖାସ୍ତ କରମିଁଜେ
ଆସାମିକେ ଉଚିତ ସଜା ଦେଇକରି
ଏନ୍ତା ଦୋସ କରୁଥିବାର ବାକି ଦୋସିମାନକୁ
ଗୁଟେ ସବକ ସିଖଉ
ପ୍ରା ଉକିଲ-ଅବଜେକସନ ମି ଲଡ
ଜଜ-ଅବଜେକ୍‌ସନ ସସଟେନଡ
ପ୍ରା ଉକିଲ-ମି ଲଡ
ମୋର କ୍ଲାଏନ୍ଟ ନିହାତି ଗୁଟେ ସରଲ ନିରିହ ଲୋକ
ଆର ଇଟା ଇ ଅଦାଲତର ଅନିଏ ହେବା
ଜଦି ତାହାକେ ସୋଜ ସୋଜ ସଜା ଦିଆଜାଏ

ସ.ଉକିଲ-ୟୋର ଅନର
ମୋର ସାଂଗ ଉକିଲାତି କରବାର ଆଘୋନୁ
ଇଟା ଭଲ ଭାବେ ଜାନି ନେବାର ଥିଲାଜେ
ନିରିହ କାହାକେ କହେସେନ ଜେ
ବୋଧହୁଏ ବେସି ହିଂଦି ଫିଲିମ ଦେଖୁଛନ ତ
(କଚରି ଖିଲଖିଲେଇ ଉଠିଛେ)
ଜଜ-ଅଡର ଅଡର
ପ୍ରୋସିଡ ମିସ୍ଟର ପ୍ରାଇଭେଟ ପ୍ରୋସିକ୍ୟୁଟର
ପ୍ରା.ଉକିଲ-ଥେଂକ୍ୟୁ ମି ଲଡ
ମୁଇଁ ମୁଲୁ କହି ଆସୁଛେଁ, ମି ଲଡ, ଜେ
ସେ ତାର ଜାନ୍ତକେ ଏନ୍ତା କେନସି
ବେଆଇନ କାମ ନି କରି
ଜେନଥିର ଲାଗି କି ତାହାକେ ସଜା ମିଲବାର ଉଚିତ
ସେଥିର ଲାଗି ମି ଲଡ
ମୁଇଁ ଇ ଅଦାଲତକେ ଦରଖାସ୍ତ କରମିଁଜେ
ସେ ମତେ ପରମିସନ ଦଉ
ଅଦାଲତର ସାମନାରେ
ଘଟଣା ବେଲର ସାଖିକେ ଟିକେ
ଇଝାର କରବାରକେ
ଜଜ-ପରମିସନ ଗ୍ରାନଟେଡ
ପ୍ରା.ଉକିଲ-ଥେଂକ୍ୟୁ ମି ଲଡ
(ଲାଇନମେନ) ହଁ ତ ମିସ୍ଟର ଲାଇନମେନ
ହଜାରେ ପଧାନ
ହଜାରେ-ଆଜ୍ଞା,
ପ୍ରା.ଉକିଲ-ତମେ ଘଟଣାବେଲକେ ସେ ଦିନ ସେନ ଥିଲ ?
ହଜାରେ-ଆଜ୍ଞା ହଁ, ଘଟଣା ବେଲକେ କାଣା
ମୁଇଁ ତ ସେନ ଅହରହ ଥିସିଁ ନ
ପ୍ରା.ଉକିଲ-ତମେ ଅହରହ ଥିସ, କେନ
ହଜାରେ-ଆର କେନ, ରେଲଲେଇନ ନ
ପ୍ରା.ଉକିଲ-ତମେ ଅହରହ ରେଲ ଲେଇନ ନ ଥିସ

ହଜାରେ-ହଁ ଆଜ୍ଞା ଲେଇନ ନ ଥିସିଁ
ପ୍ରା.ଉକିଲ-ଆର ହେଡକି ହେଡକି ରେଲ ଜଉଛେ ଅଉଛେ
କେଭେ କିଛି ନି ହେବାର
(ଖିଲଖିଲେଇ ଉଠିଛେ କଚରି)
ଜଜ-ଅଡର ଅଡର
ପ୍ରା.ଉକିଲ-ହଁ ତ ମିସ୍ଟର ଲାଇନମେନ
ତମେ ଘଟଣା ବେଲକେ ଲେଇନ ନ ଥିଲ
ହଜାରେ-ନେଇଁ ଆଜ୍ଞା ନେଇଁ ଥେଇ
ପ୍ରା.ଉକିଲ-ନେଇଁ ଥେଇ ଲେଇନ ନ
ତ କେନ ଥିଲ ସେ ?
ହଜାରେ-ଲାଇନ ବାହାରେ ଥିଲିଁ ଆଜ୍ଞା
(ଫେର ହଁସିଛେ କଚରି)
ପ୍ରା.ଉକିଲ-ଆଛା ଠିକ ଘଟଣା ଘଟୁଥିଲା ବେଲକେ
ତମେ କାଁ କରୁଥିଲ ?
ହଜାରେ-ଠିକ ଘଟଣା ଘଟୁଥିଲା ବେଲକେ
ପ୍ରା.ଉକିଲ-ହଁ ହଁ ଠିକ ଘଟଣା ଘଟୁଥିଲା ବେଲକେ
ହଜାରେ- ମୁଇଁ ଲାଇନଚେକ କରୁଥିଲିଁ ଆଜ୍ଞା
ପ୍ରା.ଉକିଲ-ଦେଖ ତମେ ଗିତା ଛିଁ କରି କିରିଆ କରିଛ
ଜାହା କହେବ ସତ କହେବ
ଭଲକରି ଭାବିଚିନ୍ତି କରି କହ
ତମେଁ କାଁ କରୁଥିଲ ?
ହଜାରେ-(ଭାବିଛେ ତାର ତାର) ଉଁ ...
ମୁଇଁ ଆର କାଁ କାଁ କରୁଥିଲିଁ ଭାଏଲଗା
(ଭାବି ସାରଲା) ନେଇଁତ ଆଜ୍ଞା
ମୁଇଁ ଲେଇନ ଚେକ କରୁଥିଲିଁ
ପ୍ରା.ଉକିଲ-ଇ ପଏନ୍ଟ ନୋଟ କରାଜଉ ମି ଲଡ ଜେ
ଘଟଣା ବେଲକେ ଲାଇନମେନ ଲାଇନ ଚେକ କରୁଥିଲେ
(ଲାଇନମେନକେ)ଆଛା ମିସ୍ଟର ଲାଇନମେନ
ତମେ ଜେତେବେଲେ ଲାଇନ ଚେକ କରସ
ସେତକି ବେଲକେ ତମେ ତମର

କେତେଟା ଆଏଁଖ ବେଭାର କରସ
ବା କେତେଟା ଆଁଖି ଲାଇନ ଚେକ କରସ ?
ସ.ଉକିଲ-ଅବଜେକସନ ୟୋର ଅନର
ମୋର କ୍ଲାଏନ୍ଟ କେ ସୋଜ ସୋଜ ହେଲେ
ନି ହେଲା ବେଫାଲତୁ ପ୍ରସ୍ନ ପଚରେଇ କରି
ତାହାକେ ନର୍ଭସ କରାଜଉଛେ
ଜେନ ପ୍ରସ୍ନର କି ଇ କେସ ସାଂଗେ
କୌଣସି ସଂପର୍କ ନେଇନ
ପ୍ରା.ଉକିଲ-ଅଛେ, ଅଛେ ମି ଲଡ
ଇ ପ୍ରସ୍ନର ସଂପର୍କ ଇ କେସ ସାଂଗେ ଅଛେ
ଜଜ-ଅବଜେକସନ ଓଭର ରୁଲଡ
ପ୍ରୋସିଡ ମିସ୍ଟର ପ୍ରାଇଭେଟ ପ୍ରୋସିକ୍ୟୁଟର
ପ୍ରା.ଉକିଲ-ଥେଂକ୍ୟୁ ମି ଲଡ
ଆଛା ତ ମିସ୍ଟର ଲାଇନମେନ
ତମର କେତେଟା ଆଏଁଖ ଅଛେ ?
ସ.ଉକିଲ-ଆଇ...ଆଇ...ଆଇ ଅବଜେକଟ ୟୋର ଅନର
ଜଜ-ଅବଜେକସନ ଓଭରରୁଲଡ
ପ୍ରା.ଉକିଲ-ହଁ ତ ମିସ୍ଟର ଲାଇନମେନ
ମୁଇଁ ପଚରଉଥିଲିଁ
ତମର କେତେଟା ଆଏଁଖ ଅଛେ ?
ହଜାରେ-(ଗନି ଦେଖିଛେ) ଉଁ... ଏକ...ଦୁଇ...ଦୁଇ
ଆର ଅଛେ ଭାଏଲଗା
ନେଇଁତ ଆଞ୍ଜା ଜୁଡେ ନ
ପ୍ରା.ଉକିଲ-ଇ ପଏନ୍ଟ ନୋଟ କରାଜଉ ମି ଲଡ ଜେ
ମିସ୍ଟର ଲାଇନମେନର ଜୁଡେ ଆଏଁଖ ଅଛେ
(ଲାଇନମେନକେ)
ଆଛା ତ ମିସ୍ଟର ଲାଇନମେନ
ତମେ ଜେତେବେଲେ ଲାଇନଚେକ କରସ
ତମର ଜୁଡେ ଆଏଁଖ ଭିତରୁ କେତେଟା ବେଭାର କରସ
ହଜାରେ-ଜୁଡେ ଆଏଁଖ ଅଛେ

ଦୁହି ଆଏଁଖ ବେଭାର କରସଁ
ପ୍ରା.ଉକିଲ-ଦୁହି ଆଁଖି ଲାଇନ ଚେକ କରସ
ହଜାରେ-ହଏ ଆଜ୍ଞା, ଚେକ କରବାର କାମ
ଦୁହି ଆଁଖି ନି କଲେ ଚଲବା
ପ୍ରା.ଉକିଲ-ଦେଖ ଭାବିଚିନ୍ତି କରି କହ
ତମେ ଘଟଣା ବେଲକେ
ଦୁହି ଆଁଖି ଲାଇନ ଚେକ କରୁଥିଲ କି
ଆର ଦୁସରା କାଁ କରୁଥିଲ ?
ହଜାରେ-(ଭାବିଛେ) ଉଁ...
ଆର କେନ କେନ ଆଡ ଦେଖୁଥିଲିଁ ବଲିଦିଏଁ ତ
ଡ୍ୟୁଟି ଠିକ ହିସାବେ ନି କରବାର ବଲବେ
ଚାକରି ଜେଇପାରେ
ନେଇରେ ବୁଆ (ଭାବି ସାରଲା)
ନେଇଁ ଆଜ୍ଞା, ବିଲକୁଲ ନେଇଁ
ମୁଇଁ ମୋର ଦୁହି ଆଁଖି
ଲାଇନ ଚେକ କରୁଥିଲିଁ ନ
ପ୍ରା.ଉକିଲ-ତ ମି ଲଡ
ଇନୁ ପ୍ରମାଣ ହେଇଗଲାଜେ
ଜେତେବେଲେ ଘଟଣା ଘଟୁଥିଲା
ସାଖିର କହେତିକେ ସେତେବେଲେ ସେ
ଲାଇନ ଚେକ କରୁଥିଲେ
ଆର ସେ ଲାଇନ ଚେକ କଲାବେଲକେ
ଦୁସରା କେନସି ଆଡ ନି ଦେଖୁଥେଇ
ବରଂ ସେ ତାକର ଦୁହି ଆଁଖି ଲାଇନ ଚେକ କରୁଥିଲେ
ତ ମି ଲଡ
ମୋର କହେବାର ମତଲବ
ଇ କେସର ଗୁଟେବଲି ଏକ୍ଲା ସାଖି ବି
କିଛି ନାଇଁ ଦେଖି
ଖାଲି ତାକର ଅନୁମାନ ଆର ସଂଦେହ ନୁ କହୁଥିଲେ
ଆର ଇ ଅଦାଲତ ଅନୁମାନ କି

ସଂଦେହ ଉପ୍ରେ ନି ଚଲେ
ବରଂ ସିଧା ସିଧା ପ୍ରମାଣ ଉପ୍ରେ ଚଲସି ପ୍ରମାଣ ଉପ୍ରେ
ତ ମୋର କ୍ଲାଏନ୍ଟ ଉପ୍ରେ ଜେତେ ବି
ଆରୋପ ଲଗା ହେଇଛେ
ସବୁ ବେଫାଲତୁ ବେମତଲବ
ମନଗଢନ ଆଧାରହିନ ଆଏ
ତାର କେନସି ପ୍ରମାଣ ନେଇଁନ
ସତେ ସତେ ଏନ୍ତା କେନସି ଘଟଣା ଘଟି ହିଁ ନେଇଁ
କି ଜୁଗନୁ ରେଲ ନଟ ଚୁରେଇ ହିଁ ନେଇଁ
ସେଥିର ଲାଗି ମି ଲଢ
ମୁଇଁ ଇ ଅଦାଲତକେ ଦରଖାସ୍ତ କରମିଁ ଜେ
ଜଗନାଥ ବୁଢେକ ନିର୍ଦୋସ ନିରିହ ଆଏ
ତାକେ ବାଏ ଇଜତ ଛାଡି ଦିଆଜଉ
ଦେଟସ ଅଲ ମି ଲଢ
ସ.ଉକିଲ-ଅବଜେକସନ ୟୋର ଅନର
ଜଜ-ଅବଜେକସନ ସସଟେନଡ
ସ.ଉକିଲ-ୟୋର ଅନର
କେସର ଘଟଣା ବେଲର ସାଖି
ଆସାମିକେ ଅପରାଧ କରୁଥିବାର ସମିଆଁରେ ଧରିଆନିଛେ
ଇତାରନୁ ଆର କେଁ ପ୍ରମାଣ ଦର୍କାର
ଆର ଜଦି ଇ ଅଦାଲତ ଚାହୁଁଛେ କି
ଆସାମିର ନାଁରେ ଆରୋପକେ
ପ୍ରମାଣ କରିଦେବାରକେ
ତ ୟୋର ଅନର
ମୁଇଁ ପରମିସନ ମାଗମିଁ
ଆସାମିଁ କେ କେତେଟା ପ୍ରସ୍ନ ପଚରାବାରକେ
ଜଜ-ପରମିସନ ଗ୍ରାଂଟେଡ
ସ.ଉକିଲ-ଥେଂକ୍ୟୁ ୟୋର ଅନର
(ଜୁଗନୁକେ) ଆଛା ତମର ନାଁ
ଜୁଗନୁ-ଜୁଗନୁ ଜୁଗନୁ ବଲସନ

ନେହେଲେ ଜଗନାଥ ବୁଡେକ ଆଏ ଆଜ୍ଞା
ସ.ଉକିଲ-କାଣା ବଲସନ ନି ବଲସନ ନିକହ
କାଣା ଆଏଜେ କହ
ଜଗନାଥ ବୁଡେକ୍ ତ
ଜୁଗନୁ- ହଏ ହଏ
ସ.ଉକିଲ-ଆଚ୍ଛା ବାପାର ନାଁ ?
ଜୁଗନୁ-ଘୁଲି ବୁଡେକ ଆଜ୍ଞା
ସ.ଉକିଲ-ଘୁଲି ବୁଡେକ, ଗାଁ ଭରତପାଲି
ଜୁଗନୁ-ହଏ ହଏ
ସ.ଉକିଲ-ହଁ ତ ଜୁଗନୁ ଉରଫ ଜଗନାଥ ବୁଡେକ
ଜେତେବେଲେ ଲାଇନମେନ ତତେ ଧରଲା
ତୁଇ କାଁ କରୁଥିଲୁ ?
ଜୁଗନୁ-ମୁଇଁ ଆଜ୍ଞା ଠିଆ ହେଇଥିଲିଁ
(ଖିଲଖିଲେଇ ଉଠିଛେ କଚରି)
ସ.ଉକିଲ-ଠିଆ ହେଇଥିଲୁ ଜେ
ଠିଆ ହେବାର ଆଘୋନୁ କାଁ କରୁଥିଲୁ
ଜୁଗନୁ-ପିସାବ କରୁଥିଲିଁ ଆଜ୍ଞା
(ଫେର ହଁସିଛେ କଚରି)
ସ.ଉକିଲ-ଆର ପିସାବ କରବାର ଆଘୋନୁ
ଜୁଗନୁ-ନଟ ଖୁଲୁଥିଲିଁ
ସ.ଉକିଲ-ବଏଲେ ତୁଇ ରେଲ ଲାଇନନୁ ନଟ ଖୁଲୁଥିଲୁ
ଜୁଗନୁ-ଗୁଟେତ
ସ.ଉକିଲ-ଗୁଟେ ହଉ କି ଜୁଡେ ହଉକି କୁଡେଟା ହଉ
ଖୁଲୁଥିଲୁ ତ
ହଜାରେ-ହେଟା କାଏଁ ବାପର ସଂପତି ହେଇଛେ
ଜୁଗନୁ-ଏଡେ ମୋର ବାପର ସଂପତି ଦେଖାନେବାଲା ହୋ
ହେ ନଲଚୁଆଁମାନେ କେଁ ହେଲେ ତମର ବାପର ସଂପତି ଆଏ
ହେଟା ତ ଫେର ତମେ କାହାକେ ନି କହି ବୁଲିକରି ପାଏନ ମାରିନେସ
ମେନମେନସା ବେଭାର କରସ
କିଏ କିଏ ତମକୁ କାଁ କାଣା କହେସନ

ରେଲ ଲେଇନ ବି ସରକାରର ଟା
ସରକାର ଲଗେଇଛେ ନଟ
ମୋର ଗୁଟେ ଦର୍କାର ହେଲା, ନଉଥିଲିଁ
ହଜାରେ-ନଟ କାଏଁ କାଠିପତର ହେଇଛେ ଜେ
ମେନମେନସା ତୁଲିନେବ
ସ.ଉକିଲ- ହଏବୋ,
ତତେ ଆର ନଟ ନି ମିଲଲା ଜେ
ତୁଇ ରେଲ ଲେଇନନୁ ନଟ ଖୁଲୁଥିଲୁ
ଜାନିଛୁ ରେଲ ଲେଇନନୁ ନଟ ଖୁଲଲେ କାଣା ହେବାଜେ
ଜୁଗନୁ-ହେଟା କାଏଁ ହେବା ଆଜ୍ଞା
ଗୁଟେ ନଟ ଖୁଲିନେଲେ
ସ.ଉକିଲ-ଗୁଟେ ନଟ ଖୁଲଲେ କାଣା ହେବା ବଲୁଛୁ
ତୋର ସବୁ ଅଡୁଆ ହେଇଜିବା
ହେ ଗୁଟେ ନଟର ଲାଗି ଇହାଦେ
ହଜାର ହଜାର ଲୁକର ଜିବନ ଜେଇଥିତା
ଆର ହେ ହଜାର ଲୁକର ଦାଇ ତୁଇ ହେଇଥିତୁ
ତୁଇ ଇହାଦେ ହଜାର ଲୋକକୁ ମାରିଥିତୁ
ଜୁଗନୁ-ରାମ ରାମ ରାମ ରାମ
କାଏଁ କଥା କହେସ ହୋ ଆଜ୍ଞା
ମୁଇଁ ଭଲେ ହଜାର ଲୋକକୁ ମାରିଥିତିଁ
ହେ ମାହାପ୍ରୁ
ବର ରୋଗ ହଉହୋ ସେ ହାଥକେ
ଜେନଟା ହଜାର ଲୋକକୁ ମାରିଥିତା
ହେନତେହି କେନତେହି ସୋଜ ସୋଜ
ହଜାର ଲୋକ ମରିଜିବେ ହୋ ଆଜ୍ଞା ?
ହଜାରେ-ହଏରେ, ରେଲଲେଇନନୁ ନଟ ଖୁଲିନେଲେ
ଲେଇନ ବିଗଡି ଜିବା
ଲେଇନ ବିଗଡି ଗଲେ
ରେଲ ଏକସିଡେଂଟ ହେଇଜିବା
ଏକସିଡେଂଟ ହେଲେ ହଜାର ଲୋକ ମଲେ

ଆର କାଣା
ଜୁଗନୁ-ହଁ ମଜାକ ଲାଗିଛେ ହଜାର ଲୋକ ମରିଜିବେ
କାହାକେ ଭକୁଆ ଥାବ କରୁଛ ହୋ
ହେ କୁସନୁ ବିସନୁ ମହେସର
ସବ ଗାଁ ଟା ଜାକର
ଇ ଲୋକ ଜିଏ ପାରି ସେ
ପୁଚକା ପୁଚକା ନଟ ଖୁଲିନଉଛନ ଜେ
କେଭେ ରେଲ ନି ଲେହେଁଟିବାର
ଆର ମୁଇଁ ଗୁଟେ ନଟ ଖୁଲିନେଲେ
ହେଡକି ବଡ ରେଲ ଲେଇନନୁ ଜେ
ଏକବାରି ତମର ରେଲ ଲେହେଁଟିଜିବା
ଜ ଜ...ହେ ପାଠ ଦୁସରା କାହାକେ ପଢାବ ବୁଝଲ
ସ.ଉକିଲ-ଆଛା ତୁଇ ନଟ କାଁ ଜେ ଖୁଲୁଥିଲୁ
ଜୁଗନୁ-ହେନ୍ତା କାମଟେ ପଡଲା ଜେ
ସ.ଉକିଲ-ଏନତାହି କାଏଁ କାମ ପଡଲାଜେ
ତତେ ରେଲ ଲେଇନ ନଟ ଦର୍କାର ପଡଲା
ଜୁଗନୁ-ଜାଲେ ଲଗାବାର କାଜେ ଆଜ୍ଞା
ସ.ଉକିଲ-ଜାଲେ !
ଜୁଗନୁ-ହଏ, ହେଟା ନେଇ ଜାନସ
ଜାଲଟିକେ ଉଜନ ହେଲେ କାଏଁନ
ଭିତର ପାଏନକେ ଜିବା
ଆର ଭିତର ପାଏନକେ ଗଲେ ବନେ ଝୁରି ପାଏବ
ନେହେଲେ ହେ ଉପ୍ରେ ବଏଲେ ଖାଲି
କୁତରି ଚିଂଗରି ଝିମୋ ହେନ୍ତାଟା ପାଏବ ନ
ସ.ଉକିଲ-ହଏବୋ ଜାଲ ଉଜନ କରବାର ଥିଲା ତ
ଦୁସରା ଜିନିସ ବାଂଧିଥିତୁ
ରେଲ ଲେଇନ ନଟ କାଏଁ ଖୁଲଲୁ
ଜୁଗନୁ-ୟା, ସୁବିଧା ହେସି ଆଜ୍ଞା
ସ.ଉକିଲ-ଦେଟସ ଅଲ ମି ଲଡ

ଜଜ- ଇ ଅଦାଲତ କେନସି ଫଏସଲା ସୁନାବାର ଆଘୋନୁ
ଆସାମି ଜୁଗନୁ ତାର ପଲଟିଆ ଜଦି
ଆର କିଛି କହେବାର ଚାହେଁ ତ କହିପାରେ
ପ୍ରା.ଉକିଲ-ଦେଖ ମୁଇଁ ଜେନ୍ତା ଜେନ୍ତା ବତେଇଛେଁ
ସେନ୍ତା କହେବୁ
କେସ ହାରିଗଲେ ତତେ ସିନେ କିଛିନେଇଁ
ଅତିରିସେ ବଛରେ ଅଧେ ଜେଲ ହେବା
ହେଲେ ମୋର ଜେନ ନାଁଟେ ଅଛେ
ଇମେଜଟେ ଅଛେ
ସବୁ ଜିବା, ବୁଝଲୁ
ଜୁଗନୁ-କାଣା ଆର କହେମି ହଜୁର
ଗରିବ ଲୋକ, କମାଲେ ଖାଏସୁଁ
ହାତ ବଂଦ ହେଇଗଲେ ଭାତ ବଂଦ ହେଇଜାଏସି
କାହାରିର ସାଂଗେ କେଭେ ଗାଲି ଝଗର ନେଇଁ
କାହାର ପୁଡଲା କାହାର ଛିଡଲା
ଲଂଦଫଂଦ ଜାନେ ନେଇଁ
ମୋର ଛୁଆପିଲା ବନେ, ତ ସବୁ ବନେ
ସମକିରର ଦୁଖେ ସୁଖେ ଅପଟେ ସପଟେ ଠିଆ ହେଇଛେଁ
ହେଲେ ମତେ କାଁଜେ ଅଁହକାରେ ରିସ ରଖଲା ବାଗିର
ଇନକେ ଘିଚି ଆନିଛନଜେ
ମୁଇଁ ଜାନି ନି ପାରବାର(ଟିକେ ଥନଥନେଇ ଜେଇଛେ)
(ଲୋକର ଟୁପୁର ଫୁସୁର ସୁଭିଛେ)
ଜଜ-ଅଡର ଅଡର
ଇ ଅଦାଲତ ସବୁ ପ୍ରମାଣ ଆର ସାଖିମାନକର ବୟାନକେ ନେଇକରି
ଇ ବିଚାରକେ ପହଁଚିଛେ ଜେ
ରେଲ ଲେଇନନୁ ନଟ ଖୁଲିଥିବାର ଦୋସଥି
ଭାରତିୟ ଆଇନବିଧି ଧାରାର ସେକସନ ଥ୍ରି ରେଲୱେ ପ୍ରପଟି ଅନଲଫୁଲ
ପୋଜେସନ ଏକ୍ଟ ଅନସାରେ
ଆସାମି ଜୁଗନୁ ଓରଫ ଜଗନାଥ ବୁଡେକକେ
ଦୋସି ପ୍ରମାଣ କରିକରି

ବଛରରେ ଜେଲ ସଜା ଦିଆଗଲା

ଜୁଗନୁ-ହଜୁର, ତମେ ଆଜ୍ଞା ବଡବଡକ୍ୟା ଲୋକ

ତମର ମୁହଁପଦକେ ମୁଇଁ କେନ ସାହାସେ କାଟମିଁ

ତମର କହେତିକେ ଜିବାରଟା ମୁଇଁ ଜେଲ ଜିମିଁ ହଜୁର

ହେଲେ ଇହାଦେ ବଲବ ବଏଲେ ନେଇଁ ପାରେଁ

ୟା, କବାର ଗୁତାର ସମିଆଁ

ବଡା ଭିଡ ଧରୁଛେ

ଧାନ ବୁହାବୁହି ମଡାମୁଡି ଲାଗିଛେ

ଛିନଛାନ ଫୁସପୁନି ଜାଏକ ତାର ଟିଖେ ଟିଖେ ଫୁରସତ ନେଇଁ

ତେନୁ ଗଲାଜେ ଇଟା ପୁନି ବାହାର

ପିଲାମାନେ କେଂଦାଲ ଜିମା ବଲୁଥିଲେ

ବଏଲେ ଉସ୍ତାର ବଲବ ବଏଲେ

କେଂଦାଲୁ ଫିରଲେ ନି କାଏଁ ନ

କେଂଦାଲୁ ଫିରଲେ କି ତମକୁ ଡଖା ନି ପଡେ

ସିଧା ପଲେଇ ଆଏମିଁ

ପକା ଜବାବ

ଜଜ-ଗାର୍ଡସ ନେଇଜ ତାହାକେ

(ଗାର୍ଡମାନେ ନେବାରକେ ଧରିଛନ କି)

ଜୁଗନୁ-ରହୋ, ଏନ୍ତା କାଏଁ ଘିଚି ନଉଛ ଜେ

କହେଲିଁ ପରେ ଇହାଦେ ଫୁରସତ ନେଇନ

ଗାର୍ଡ(୧)-ଫୁରସତ ନେଇନ

ଗାର୍ଡ(୨)-କେଂଦାଲ ଜଉଛେ

ଗାର୍ଡ(୧)-ମାମୁଁଘର ଚାଲ

ଗାର୍ଡ(୨)-ଫୁରସତ ହିଁ ଫୁରସତ

(ଜୁଗନୁ ନେଇଁ ନେଇଁ ବଲୁଥାଏ ଆର ଗାର୍ଡମାନେ ଘିଚି ନଉଥାନ । କଚରି ଖିଲଖିଲେଇ ଉଠୁଥାଏ ହେଲେ ଜୁଗନୁ ବୁଝି ନି ପାରୁଥେଇ ।)